ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯେ ଚଳିତବର୍ଷ ସମବାୟ ଆନ୍ଦୋଳନ ତା'ର ଶତବାର୍ଷିକ ପାଳନ କରୁଛି । ଭାରତବର୍ଷର ଗ୍ରାମାଞ୍ଚଳରେ ବାସ କରୁଥିବା ଦୁଇ ତୃତୀୟାଂଶ ଜନସାଧାରଣଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସମବାୟ ଏକ ଦୀର୍ଘ ଏବଂ ପ୍ରଭାବଶୀଳ ଭୂମିକା ନିର୍ବାହ କରି ଆସୁଅଛି । ୧୦୦ ବର୍ଷର ସମବାୟ ଆନ୍ଦୋଳନର ଇତିହାସ ଓ ଏ କ୍ଷେତ୍ରରେ ଆମର କାର୍ଯ୍ୟ ତଥା ପ୍ରଗତିକୁ ସିଂହାବଲୋକନ କରି ଆଗକୁ ବଢ଼ିବା ପାଇଁ ରହିଯାଇଥିବା ସମସ୍ତ ତ୍ରୁଟିଗୁଡ଼ିକ ପ୍ରତି ଆତ୍ମ ସମୀକ୍ଷା କରିବା ଆମର ଦରକାର । ଆମ ରାଜ୍ୟରେ ଏକ ସ୍ୱାଧୀନ, ଆତ୍ମନିର୍ଭରଶୀଳ ସ୍ୱତସ୍ଫୂର୍ତ, ଶକ୍ତିଶାଳୀ ତଥା ସମ୍ମିଳିତ ସମବାୟ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଏହି ଶତବାର୍ଷିକୀ ଅବସରରେ ଆସନ୍ତୁ ସମସ୍ତେ ସଂକଳ୍ପ ନେବା ଏବଂ ସାଧୁତା, ଆତ୍ମମର୍ଯ୍ୟାଦା, କ୍ରିୟାଶୀଳ, ପ୍ରତିବେଦନଶୀଳତା ତଥା ଅଙ୍ଗୀକାରବଦ୍ଧତା ମାଧ୍ୟମରେ ନିରବଚ୍ଛିନ୍ନ ଅର୍ଥନୈତିକ, ସାଂସ୍କୃତିକ ଉନ୍ନତ ସାଧନରେ ସହାୟ ହେବା ।

ଏଡିଟର
ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍ , ଭୁବନେଶ୍ୱର

---

# ମାଣ

ଓମ୍ ପ୍ରକାଶ ମହାପାତ୍ର

ମଗୁଶିର ମାସ ଗୁରୁବାର ମାଣବସା ତିଥି ପବିତ୍ରର
ଓଡ଼ିଆଣୀ କରିଥାଏ ମା' ଲକ୍ଷ୍ମୀ ନିମନ୍ତ୍ରଣ ଆସିବାକୁ ତା'ଘର ।
ଲିପିପୋଛି ଚିତାକାଟି ଫଳ ଫୁଲ ପୂଜା ଅର୍ଘ୍ୟ ଟେକି ସାଉଁଟି
ଓଢ଼ଣା ଉହାଡ଼େ ମୁଖରଖି ଶଙ୍ଖ ହୁଳହୁଳି ଫୁଙ୍କି ଦେଖାଇ ଅଣ୍ଟି ।
ମା' ଲକ୍ଷ୍ମୀ ଆଣିଥାଏ ପାଛୋଟି କୁଟୀରେ ଝଟିମାଟି
ପରମ୍ପରା ଉତ୍କଳେ ଏରୁଣ୍ଡି ବଂଧେ ଲକ୍ଷ୍ମୀ ଭେଟାଭେଟି ।
ସାତ୍ତ୍ୱିକ ଆହାରେ ପିଠାପଣା ମହକି ଚମକି
ଘର ଅଗଣା ଉଠି ପଡୁଥାଏ ଥକି ।
ନୂଆ ଧାନ କେଣ୍ଡା ଖିରି ପିଠା କାକରା ମଣ୍ଡା
ଜଗାବଳିଆ ଓଡ଼ିଆ ଘରେ ଘରେ ପେଟ କରିଥାଏ ଥଣ୍ଡା ।
ମାଣ ଏକ ବଂଶ ସଂସ୍କୃତି ଚିହ୍ନ ଅଳଙ୍କାର ସ୍ୱର୍ଣ୍ଣ ହାରର ଆକାର
ଗୁରୁବାର ମଗୁଶିର ମାସ ଶ୍ରେଷ୍ଠେ ଗଣା ଆମ ସଂସ୍କୃତିର
ଲକ୍ଷ୍ମୀ ନୁହେଁ ବଡ଼ ବଡ଼ିଆ ଦେଉଳର ଦେବୀ ଚଣ୍ଡାଳର
ଶ୍ରୀୟା ଚଣ୍ଡାଳୁଣୀ କୁଳଶ୍ରେଷ୍ଠ କୁଣ୍ଡଳିନୀ ଘାଣ୍ଟି ରକ୍ତ ଧମନୀ
ପାରୁନି ଛିଣ୍ଡାଇ ସମାଜୁ ଆମର ଅସ୍ପୃଶ୍ୟତା ବାସ ଲେଲିହାନ ଧାସ ବିଷର
ଉତ୍କଳେ ମାଣବସୁ ଲକ୍ଷ୍ମୀ ଠାକୁରାଣୀ ଆସୁ
ଖେତବାଡ଼ି ହସୁ ସଂସ୍କୃତି ମାଣ ପିଠା ଖିରି ପରସା ଖସୁ ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର